# ଓପିଜିସିର ମଧ୍ୟବର୍ତ୍ତୀ କାଳୀନ ଲାଭାଂଶ ପ୍ରଦାନ



ଭୁବନେଶ୍ୱର : ୨୦୧୨-୧୩ ଆର୍ଥିକ ବର୍ଷ ପାଇଁ ଓଡ଼ିଶା ପାୱାର ଜେନେରେସନ କର୍ପୋରେସନ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ରାଜ୍ୟର ଅଂଶଧନ ବାବଦକୁ ୪୨.୫୦ କୋଟି ଟଙ୍କାର ଏକ ଚେକ୍ ମଧ୍ୟବର୍ତ୍ତୀ କାଳୀନ ଲାଭାଂଶ ଭାବେ ପ୍ରଦାନ କରିଛି । ଏହି ଚେକ୍‌ଟି ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ତାଙ୍କ କାର୍ଯ୍ୟାଳୟରେ ଓପିଜିସିର କର୍ତ୍ତୃପକ୍ଷ ଯଥା ଅଧ୍ୟକ୍ଷ ପ୍ରଦୀପ କୁମାର ଜେନା, ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଭେଙ୍କଟରାମନ କୁପୁସାମୀ, ଅର୍ଥ ନିର୍ଦ୍ଦେଶକ ଶ୍ରୀ ହର ପ୍ରସାଦ ନାଏକଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା । ଏଠାରେ ସୂଚନା ଦିଆଯାଇପାରେ ଯେ ଓପିଜିସି ବୋର୍ଡ ଆର୍ଥିକ ବର୍ଷ ୨୦୧୨-୧୩ ପାଇଁ ୧୭ ପ୍ରତିଶତ ହାରରେ ସମୁଦାୟ ୮୩.୩୩ କୋଟି ଟଙ୍କାର ମଧ୍ୟବର୍ତ୍ତୀ କାଳୀନ ଲାଭାଂଶ ଘୋଷଣା କରିଥିଲେ । ରାଜ୍ୟ ସରକାର ଏବଂ ଏ.ଇ.ଏସ୍ ଙ୍କ ଅଂଶଧନ ଯଥା ୫୧:୪୯ ଅନୁପାତ ହିସାବରେ ଯଥାକ୍ରମେ ସେମାନଙ୍କ ଲାଭାଂଶ ୪୨.୫୦ କୋଟି ଟଙ୍କା ଏବଂ ୪୦.୮୩ କୋଟି ଟଙ୍କା ଅଟେ । ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ଇବ୍ ଥର୍ମାଲ ପାୱାର ଷ୍ଟେସନ ଠାରେ ଓପିଜିସି ଏହାର ୩ୟ ଓ ୪ର୍ଥ ୟୁନିଟ୍ (୨X୬୬୦ ମେଗାୱାଟ) ସ୍ଥାପନ ନିମିତ୍ତ ସମସ୍ତ କାର୍ଯ୍ୟରୂପ ଅଗ୍ରସର ଚାଲିଥିଲା ବେଳେ ନିଜସ୍ୱ କୋଇଲା ଖଣିର ବିକାଶ ନିମିତ୍ତ ମଧ୍ୟ ପଦକ୍ଷେପ ନିଆଯାଉଛି । ଏହି ସମ୍ପ୍ରସାରଣ ପ୍ରକଳ୍ପ ନିମିତ୍ତ ପ୍ରାୟ ୧୧୫୦୦ କୋଟି ଟଙ୍କାର ଆବଶ୍ୟକ ଥିବା ବେଳେ ଏଥି ନିମନ୍ତେ ଅର୍ଥଲଗାଣ ନିମିତ୍ତ ଚୁକ୍ତି ସ୍ୱାକ୍ଷର ହୋଇସାରିଛି ଏବଂ ପ୍ରକଳ୍ପ